# NATIONAL NEWS BULLETIN (ODIA)

## 23 June 2026

## Midday Bulletin : 1.50 P.M.

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଆଜି ୬୫ ଜଣଙ୍କୁ ପ୍ରଦାନ କରିବେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ।

- ନୂଆଦିଲ୍ଲୀରେ ନାଫେଡର ନିଲାମ ପୋର୍ଟାଲର ଶୁଭାରମ୍ଭ କଲେ କେନ୍ଦ୍ର ସମବାୟ ମନ୍ତ୍ରୀ ।

- ଆମେରିକା-ଇରାନ୍ ମଧ୍ୟରେ ବୁଝାମଣାକୁ ସ୍ୱାଗତ କଲା ଭାରତ ।

\- ଷୋଡଶ ବ୍ରିକ୍ସ ଜାତୀୟ ସୁରକ୍ଷା ଉପଦେଷ୍ଟା ବୈଠକରେ ଅଣ ପାରମ୍ପରିକ ଆତଙ୍କ ପ୍ରସଙ୍ଗ ନେଇ ଆଲୋଚନା ।

- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ୍ୟ କୁରିଆନ୍ ।

ଏବଂ

- ଏଫ୍.ଆଇ.ଏଚ୍. ପ୍ରୋ ପୁରୁଷବର୍ଗ ହକି ଲିଗ୍‌ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଜି ଖେଳାଯିବ ଉଦ୍‌ଘାଟନୀ ମ୍ୟାଚ୍ ।

# ପଦ୍ମ ଆୱାର୍ଡସ୍-ପ୍ରେସିଡେଣ୍ଟ

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ୨୦୨୬ ପ୍ରଦାନ କରିବେ । ଏହି ପର୍ଯ୍ୟାୟରେ ୬୫ଜଣଙ୍କୁ ସମ୍ମାନିତ କରାଯିବ । ସେଥିମଧ୍ୟରେ ଦୁଇଟି ପଦ୍ମ ବିଭୂଷଣ, ୭ଟି ପଦ୍ମ ଭୂଷଣ ଏବଂ ୫୬ଟି ପଦ୍ମଶ୍ରୀ ସମ୍ମାନ ରହିଛି । ବିଶିଷ୍ଟ ଟେନିସ୍ ଖେଳାଳି ବିଜୟ ଅମୃତ ରାଜ, ଚଳଚ୍ଚିତ୍ର ଅଭିନେତା ମାମୁଟି, ପ୍ରଚ୍ଛଦପଟ୍ଟ ଗାୟିକା ଅଲକା ୟାଗ୍ନି ଏବଂ କ୍ରିକେଟ୍‌ର ରୋହିତ ଶର୍ମା ପ୍ରମୁଖଙ୍କୁ ସମ୍ମାନିତ କରାଯିବ । ଗଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ଘୋଷିତ ୧୩୧ଟି ପଦ୍ମ ପୁରସ୍କାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ପୁରସ୍କାର ସମାରୋହ ପୂର୍ବରୁ ଅନୁଷ୍ଠିତ ହୋଇସାରିଛି । କଳା, ସାମାଜିକ କାର୍ଯ୍ୟ, ସାର୍ବଜନୀନ ବ୍ୟାପାର, ବିଜ୍ଞାନ ଏବଂ ବୈଷୟିକ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡ଼ା ଓ ନାଗରିକ ସେବା ଭଳି ବିଭିନ୍ନ ବିଭାଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ତିନୋଟି ବର୍ଗ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ ।

ଆକାଶବାଣୀ ପକ୍ଷରୁ 'ଲୋକଙ୍କ ପଦ୍ମ' ଶୀର୍ଷକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି । ଏହି ଧାରାବାହିକରେ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ଜୀବନୀ ଓ କାର୍ଯ୍ୟ ଉପରେ ଆଲୋକପାତ କରାଯାଉଛି ।

କାର୍ଯ୍ୟକ୍ରମଗୁଡ଼ିକ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରିତ ହେଉଛି । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେଉଛି ।

# ଶାହା-ନାଫେଡ

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି ଜାତୀୟ କୃଷି ସମବାୟ ବିପଣନ ସଂଘ - ନାଫେଡ ଦ୍ୱାରା ୭୪ଲକ୍ଷ କୃଷକ ଉପକୃତ ହୋଇଛନ୍ତି । ନୂଆଦିଲ୍ଲୀର ଅଟଳ ଅକ୍ଷୟ ଉର୍ଜା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନାଫେଡର ନିଲାମ ପୋର୍ଟାଲ Nafex.in ର ଶୁଭାରମ୍ଭ କରି ଏହା କହିଛନ୍ତି । ଶ୍ରୀ ଶାହା ମଧ୍ୟ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଜାତୀୟତାବାଦୀ ନେତା ଏବଂ ଭାରତୀୟ ସଂସ୍କୃତି ରକ୍ଷା ଦିଗରେ ତାଙ୍କର ଅବଦାନକୁ ଶ୍ରୀ ଶାହା ଭୂୟସୀ ପ୍ରଶଂସା କରିଛନ୍ତି ।

**V/O (Amit Saha)**

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକ୍ରମେ ଦେଶ ଏକ ସମୃଦ୍ଧ ଏବଂ ବିକଶିତ ରାଷ୍ଟ୍ରଆଡକୁ ଅଗ୍ରସର ହେଉଛି । କୃଷି କ୍ଷେତ୍ରରେ ମଧ୍ୟ ପ୍ରଗତି ପରିଲକ୍ଷିତ ହୋଇଛି । ଶ୍ରୀ ଚୌହ୍ୱାନ କହିଛନ୍ତି କୃଷି ଉତ୍ପାଦନ ଗତ ୧୨ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ୨୦୧୪ ମସିହା ତୁଳନାରେ କୃଷି ଉତ୍ପାଦନ ପାଖାପାଖି ୪୪ ପ୍ରତିଶତ ବୃଦ୍ଧି ପାଇଛି । ସବୁଜ ବିପ୍ଳବ ସମୟ ତୁଳନାରେ ମଧ୍ୟ ଏବେ କୃଷିକ୍ଷେତ୍ରରେ ଦ୍ରୁତ ପ୍ରଗତି ପରିଲକ୍ଷିତ ହେଉଥିବା ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ।

# ଏନ୍‌ଏସ୍‌ଏ ବ୍ରିକ୍ସ

ଭାରତ’ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ମଧ୍ୟରେ ହୋଇଥିବା ବୁଝାମଣାକୁ ସ୍ୱାଗତ କରିଛି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଷୋଡଶ ବ୍ରିକ୍ସ ଜାତୀୟ ସୁରକ୍ଷା ଉପଦେଷ୍ଟା ବୈଠକରେ ଉଦ୍‌ବୋଧନ ଦେଇ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ କହିଛନ୍ତି ଏହି ପଦକ୍ଷେପ ସମଗ୍ର ବିଶ୍ୱରେ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବ । ସେ ମଧ୍ୟ ହର୍ମୁଜ୍ ପ୍ରଣାଳୀ ମୁକ୍ତକୁ ସ୍ୱାଗତ କରିଛନ୍ତି ଏବଂ ଏହା ସାର ଓ ରସାୟନ ସାମଗ୍ରୀର ଅଭାବକୁ ଦୂର କରିବା ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି ।

ସମଗ୍ର ବିଶ୍ୱ ଏବେ ସାମରିକ ବିବାଦ, ଭୂ-ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ସଙ୍କଟ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛି ।

ଶ୍ରୀ ଡୋଭାଲ ଦେଶ ସମ୍ମୁଖୀନ ହେଉଥିବା ନୂଆ ସୁରକ୍ଷା ଆତଙ୍କ ଏବଂ ଆହ୍ୱାନ ସମ୍ବନ୍ଧରେ ଅବଗତର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ନୂଆଦିଲ୍ଲୀଠାରେ ଷୋଡଶ ବ୍ରିକ୍ସ ଜାତୀୟ ସୁରକ୍ଷା ଉପଦେଷ୍ଟା ବୈଠକରେ ଯୋଗଦେଇ ଶ୍ରୀ ଡୋଭାଲ କହିଛନ୍ତି ରାଷ୍ଟ୍ରୀୟ ସୀମାନ୍ତରେ ଅଣ ପାରମ୍ପରିକ ଆତଙ୍କ ଅତିକ୍ରମ କରିସାରିଲାଣି । ଏଣୁ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଉପରେ ଶ୍ରୀ ଡୋଭାଲ ଗୁରୁତ୍ୱାରୋପ କରିଛନ୍ତି । ସମ୍ପ୍ରତି ବିଭିନ୍ନ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ, ସାଇବର ଆତଙ୍କ ବୃଦ୍ଧିପାଇବାରେ ଲାଗିଛି ।

# ଭିପି-ପିଏମ୍ ଶ୍ୟାମା ମୁଖାର୍ଜୀ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଉପରାଷ୍ଟ୍ରପତି' ଡକ୍ଟର ମୁଖାର୍ଜୀଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା, ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ଜଣେ ବୀର ଦେଶପ୍ରେମୀ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଡକ୍ଟର ମୁଖାର୍ଜୀ ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ଦିଗରେ ନିର୍ଭୀକ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କର ତ୍ୟାଗ ଏବଂ ପ୍ରତିବଦ୍ଧତା ଆଗାମୀ ପିଢ଼ୀକୁ ଏକ ସଶକ୍ତ ଏବଂ ବିକଶିତ ଭାରତ ଗଠନ ଦିଗରେ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଡକ୍ଟର ଶ୍ରାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କୁ ଜଣେ ଦେଶପ୍ରେମୀ, ଜ୍ଞାନୀ ଏବଂ ସଂଗ୍ରାମୀ ବୋଲି ବର୍ଣ୍ଣନା କରିଛନ୍ତି । ସାମାଜିକ  ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ସେ ତାଙ୍କର ଜୀବନ ଦେଶର ବିକାଶ ଦିଗରେ ଉତ୍ସର୍ଗ କରିଥିଲେ । ସେ କହିଛନ୍ତି ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସାହସ ଏବଂ ଜାତୀୟ ସ୍ୱାର୍ଥ ପାଇଁ ତାଙ୍କର ପ୍ରତିବଦ୍ଧତା ଆଗାମୀ ପିଢ଼ୀକୁ ନିରନ୍ତର ପ୍ରେରଣା ଯୋଗାଇଦେବ ।

# କୁରିଆନ-ରିଜାଇନ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ଏବଂ ମତ୍ସ୍ୟ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜର୍ଜ୍ କୁରିଆନ୍ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ କୁରିଆନ୍‌ଙ୍କର ଇସ୍ତଫାପତ୍ର ଗ୍ରହଣ କରିଛନ୍ତି ।

# ଇଡି-ଚେନ୍ନାଇ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡି ପକ୍ଷରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲା ନେଇ ଚେନ୍ନାଇ, ତିରୁଚିରାପଲ୍ଲୀ, କୋଏମ୍ବାଟୁର ଏବଂ ମଦୁରାଇର ୧୮ଟି ସ୍ଥାନରେ ତଲାସୀ କରାଯାଇଛି । ଇଡି ପକ୍ଷରୁ କୁହାଯାଇଛି କେନ୍ଦ୍ରୀୟ ଅପରାଧୀ ଶାଖା କାର୍ଯ୍ୟାଳୟ ପକ୍ଷରୁ ୨୦୧୭ ମସିହାରେ ଏ ସମ୍ପର୍କିତ ଏକ ମାମଲା ରୁଜୁ କରାଯାଇଥିଲା । ଏହାପରେ ପୋଲିସ ପକ୍ଷରୁ ୨୦୨୧ ମସିହାରେ ଏକ ଅଭିଯୋଗପତ୍ର ମଧ୍ୟ ଦାଖଲ ହୋଇଥିଲା ।

# ଏସ୍ଆଇଟି-ରାମ ମନ୍ଦିର

ଅଯୋଧ୍ୟା ରାମମନ୍ଦିରକୁ ଦିଆଯାଇଥିବା ଦାନ ଅର୍ଥ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ ରିପୋର୍ଟ ଆଜି ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏସ୍ଆଇଟି ପକ୍ଷରୁ ଉତ୍ତରପ୍ରଦେଶ ସରକାରଙ୍କୁ ପ୍ରଦାନ କରାଯାଇଛି । ଲକ୍ଷ୍ନୌ ଡିଭିଜନାଲ କମିଶନର ବିଜୟ ବିଶ୍ୱାସ ପନ୍ତ ଏହି ରିପୋର୍ଟକୁ ଗୃହ

ବିଭାଗର ଅତିରିକ୍ତ ମୁଖ୍ୟସଚିବ ସଞ୍ଜୟ ପ୍ରସାଦଙ୍କୁ ପ୍ରଦାନ କରିଛନ୍ତି । ସରକାରୀ ଭାବେ କୁହାଯାଇଛି ଯେ ତଦନ୍ତ ଜାରି ରହିଛି ଏବଂ ଏହି ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରାଯାଉଛି । ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଚଳିତ ମାସ ୧୩ ତାରିଖରେ ଏହି ମାମଲା ନେଇ ଏସ୍‌ଆଇଟି ଗଠନ କରାଯାଇଥିଲା । ଅଯୋଧ୍ୟା ରାମ ମନ୍ଦିରରେ ଦାନ ଅର୍ଥ ହେରଫେର ହୋଇଥିବା ନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅଭିଯୋଗ ହେବା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିଲା ।

## ଚୌହାନ-ଏଲ୍ ନିନୋ ମିଟିଂ

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀଠାରେ ପାଣିପାଗ ଏବଂ କୃଷି ଉପରେ ଏଲ୍‌ନିନୋର ପ୍ରଭାବ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଏବଂ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ମୁଖ୍ୟତଃ ସ୍ୱଳ୍ପ ବୃଷ୍ଟିପାତ, ବିକଳ୍ପ ଶସ୍ୟ ଯୋଜନା ଏବଂ କୃଷକମାନଙ୍କ ସ୍ୱାର୍ଥ ସୁରକ୍ଷାର ଆବଶ୍ୟକତା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଚୌହାନ କହିଛନ୍ତି ସମ୍ଭାବ୍ୟ ଏଲ୍‌ନିନୋର ପ୍ରଭାବକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ କୃଷକମାନଙ୍କ ସ୍ୱାର୍ଥସୁରକ୍ଷା ଏବଂ କୃଷି ଏବଂ କୃଷକଙ୍କ

ଉପରେ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ସରକାର ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ପୂର୍ବକ ପଦକ୍ଷେପ ନେବାସହ କୃଷକମାନଙ୍କ ସହ ସମନ୍ୱୟ ରକ୍ଷା କରୁଛନ୍ତି ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି ।

## ଏଫ୍‌ଆଇଏଚ୍ ପ୍ରୋ

ଏଫ୍.ଆଇ.ଏଚ୍. ପୁରୁଷବର୍ଗ ପ୍ରୋ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଜି ଲଣ୍ଡନଠାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ୨୦୨୪ ମସିହାରେ ଚୀନ୍‌ର ହୁଲୁନ୍‌ବୁଇର୍‌ରେ ଏସୀୟ ଚାମ୍ପିୟାନ୍ସ ଟ୍ରଫି ମୁକାବିଲା ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହା ହେବ ପ୍ରଥମ ମୁକାବିଲା । ସେହି ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ବମିଜୟୀ ହୋଇଥିଲା । ଗତ ୧୦ ବର୍ଷ ମଧ୍ୟରେ ଦୁଇ ଦଳ ପରସ୍ପରକୁ ଭେଟିଥିବା ୧୭ଟି ମ୍ୟାଚ୍ ମଧ୍ୟରୁ ଭାରତ ୧୫ଟି ବିଜୟ ହାସଲ କରିବା ସହ ୨ଟି ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଥିଲା ।

## ଫିଫା ଓ୍ୱାର୍ଲ୍ଡକପ

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ଆମେରିକାର ସାନ୍ତା କ୍ଲାରାଠାରେ ଅନୁଷ୍ଠିତ ଗ୍ରୁପ୍-ଜେ ମ୍ୟାଚ୍‌ରେ ଆଲ୍‌ଜେରିଆ' ଜୋର୍ଡାନକୁ

୨-୧ ଗୋଲ୍‌ରେ ପରାସ୍ତ କରିଛି । ସେହିପରି ନ୍ୟୁୟର୍କ ଷ୍ଟାଡିୟମଠାରେ ଅନୁଷ୍ଠିତ ଗ୍ରୁପ୍-ଆଇ ମ୍ୟାଚ୍‌ରେ ନରୱେ ସେନେଗାଲକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି ।

ଗତ ରାତିରେ ଆମେରିକାର ଆଲିଙ୍ଗଟନଠାରେ ହୋଇଥିବା ଗ୍ରୁପ୍-ଜେ ମ୍ୟାଚ୍‌ରେ ଆର୍ଜେଣ୍ଟିନା' ଅଷ୍ଟ୍ରିଆକୁ ୨-୦ରେ ପରାସ୍ତ କରିଛି । ଆର୍ଜେଣ୍ଟିନାର ଅଧିନାୟକ ଲିଓନେଲ ମେସି ୨ଟି ଗୋଲ୍ ଦେଇଛନ୍ତି । ଫଳରେ ଫିଫା ୱାର୍ଲ୍ଡକପ୍‌ରେ ମେସି ଏପର୍ଯ୍ୟନ୍ତ ସର୍ବାଧିକ ୧୮ଟି ଗୋଲ୍ କରି ସଫଳତା ଅର୍ଜନ କରିଛନ୍ତି ।

ଫିଲାଡେଲଫିଆ ଷ୍ଟାଡିୟମଠାରେ ଆଜି ସକାଳେ ଅନୁଷ୍ଠିତ ଗ୍ରୁପ୍-ଆଇ ମ୍ୟାଚ୍‌ରେ ଫ୍ରାନ୍ସ' ଇରାକ୍‌କୁ ୩-୦ ଗୋଲରେ ପରାସ୍ତ କରିଛି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଉତ୍ତର ପୂର୍ବ ଭାରତ ଏବଂ ପଶ୍ଚିମବଙ୍ଗ ଉପ ହିମାଳୟ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଆସନ୍ତାକାଲି ପର୍ଯ୍ୟନ୍ତ କର୍ଣ୍ଣାଟକ ଉପକୂଳ, କୋଙ୍କଣ, ଗୋଆ, ଓଡ଼ିଶା ଏବଂ ତେଲେଙ୍ଗାନାରେ ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି । ଦିଲ୍ଲୀ, ହରିୟାଣା, ପଞ୍ଜାବ, ଚଣ୍ଡିଗଡ ଏବଂ ଉତ୍ତରାଖଣ୍ଡରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।